بسم الله الرحمن الرحيم

ଖୁତବା ଜୁମା ୩ ଜାନୁୟାରୀ ୨ ୦ ୧ ୯ର ସାରାଂଶ

ସ୍ଥାନ- ମସଜିଦ୍ ବୈତୁଲ୍ ଫୁତୁହ୍ ଲଣ୍ଡନ(ବ୍ରିଟେନ୍)

## ୱକ୍ଫେ ଜଦଦର ୬୨ତମ ବର୍ଷର ମଙ୍ଗଳମୟ ଶୁଭାରମ୍ଭ

***ୱକଫେ ଜଦଦର ତେହରକରେ ସମଗ୍ର ବିଶ୍ୱରେ ଅର୍ଥ ତ୍ୟାଗକାରୀ ଜମାଅତର ସଦସ୍ୟବୃନ୍ଦଙ୍କ ବିଶ୍ୱାସବର୍ଦ୍ଧକ ଘଟଣାବଳୀଗୁଡ଼ିକର ମନମୁଗ୍ଧକର ଚର୍ଚ୍ଚା ।***

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନୱର ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ : ହଜ଼ରତ୍ ଅକ୍ଦସ୍ ମସିହ୍ ମଉଦ୍ ଅ.ସ ନିଜର କାଳଜୟୀ ସାରସ୍ୱତ ପ୍ରବନ୍ଧ **"ଇସଲାମୀ ଉସୁଲ୍ କି ଫଲାସଫି"**ରେ ଅଲ୍ଲାଃତାଲାଙ୍କୁ ପାଇବା, ତାଙ୍କୁ ଚିହ୍ନିବା, ତହିଁରେ ନିଜର ବିଶ୍ୱାସକୁ ସୃଦୃଢ଼ କରିବାର ୮ଟି ମାଧ୍ୟମ ସଂପର୍କରେ ବର୍ଣ୍ଣନା କରିଛନ୍ତି । ଯାହାକି ମନୁଷ୍ୟ ଉତ୍ପତ୍ତିର ଆଭିମୁଖ୍ୟକୁ ପୂର୍ଣ୍ଣ କରିବା ଦିଗରେ ଯଥାର୍ଥ ରୂପେ ସହାୟକ ହେବ । ବର୍ତ୍ତମାନ ମୁଁ ନିଜର ବିଷୟବସ୍ତୁ ଅନୁଯାୟୀ ହଜ଼ରତ ମସିଃ ମଉଦ ଅ.ସଙ୍କ ଦ୍ୱାରା ପ୍ରଦତ୍ତ ଏକ ଆଲେଖ୍ୟ ଉପସ୍ଥାପିତ କରିବି । ହୁଜୁର ଅ.ସ ବର୍ଣ୍ଣନା କରନ୍ତି ଯେ, ପ୍ରକୃତ ଉଦ୍ଦେଶ୍ୟକୁ ହାସଲ କରିବା ପାଇଁ ପଞ୍ଚମ ମାଧ୍ୟମକୁ ହିଁ ଅଲ୍ଲାଃତାଲା ମୁଜାହିଦା ଅର୍ଥାତ୍ ପୂର୍ଣ୍ଣ ପ୍ରୟାସକୁ ବିବେଚିତ କରିଛନ୍ତି। ଯେପରି ଅଲ୍ଲାଃତାଲା କୁରଆନରେ କହନ୍ତି : ***ୱ ଜାହିଦୁ ବି ଅମୱାଲିକୁମ୍ ୱ ଅନଫୁସିକୁମ୍ ଫି ସବିଲିଲ୍ଲାଃହି*** (ଅତ୍ ତୌବା: ୪୧) ***ୱମିମ୍ମା ରଜ଼କ୍ନାହୁମ୍ ୟୁନଫିକୁନ୍*** (ଅନଫାଲ୍:୪) ***ୱଲ୍ଲଜ଼ିନା ଜାହଦୁ ଫିନା ଲ ନହଦିୟନ୍ନହୁମ୍ ସୁବୁଲନା*** (ଅଲ୍ ଅନକବୁତ୍: ୭୦) ଅର୍ଥାତ୍ ହେ ବିଶ୍ୱାସକାରୀମାନେ ! ତୁମେମାନେ ନିରସ୍ତ୍ର ଥାଅ ବା ସଶସ୍ତ୍ର ଥାଅ, ଜେହାଦ୍ ଉଦ୍ଦେଶ୍ୟରେ ବାହାରି ପଡ଼, ଏବଂ ନିଜ ଧନ ଓ ଜୀବନ ମାଧ୍ୟମରେ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ଜେହାଦ କର; ଏବଂ ସେହିମାନେ ହିଁ ବିଶ୍ୱାସକାରୀ ଅଟନ୍ତି ଯେଉଁମାନେ ନିଜ ପାଳନକର୍ତ୍ତାଙ୍କ ଉପରେ ନିର୍ଭର କରନ୍ତି; ଏବଂ ଯେଉଁମାନେ ଆମ୍ଭ ସହିତ ମିଳିତ ହେବା ପାଇଁ ଉଦ୍ୟମ କରନ୍ତି ଆମ୍ଭେ ସେମାନଙ୍କୁ ନିଶ୍ଚୟ ଆମ୍ଭ ପଥରେ ପରିଚାଳିତ ହେବାକୁ ସୁଯୋଗ ଦେବୁ; ।

ପୁନଶ୍ଚ ଅଲ୍ଲାଃତାଲାଙ୍କ ସାନ୍ନିଧ୍ୟ ତଥା ପ୍ରୀତିଭାଜନ ଲାଭ କରିବାର ଉପାୟ ସଂପର୍କରେ ହଜ଼ରତ ମସିହ ମଉଦ ଅ.ସ ବର୍ଣ୍ଣନା କରି ଏକ ଅବସରରେ କହିଲେ ଯେ, ତୁମମାନଙ୍କ ନିମନ୍ତେ ଏହା କଦାପି ସମ୍ଭବ ନୁହେଁ ଯେ, ତୁମେ ଧନକୁ ଭଲ ପାଅ ଏବଂ ଈଶ୍ୱରଙ୍କୁ ମଧ୍ୟ ଭଲ ପାଅ । ତେଣୁ ସେହି ବ୍ୟକ୍ତି ହିଁ ଭାଗ୍ୟବାନ ଅଟେ ଯିଏ ଅଲ୍ଲାଃତାଲାଙ୍କୁ ଭଲପାଏ ଏବଂ ଯଦି ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଅଲ୍ଲାଃତାଲାଙ୍କୁ ପ୍ରେମ କରି ତାଙ୍କରି ମାର୍ଗରେ ନିଜର ଉପାର୍ଜିତ ଧନକୁ ବ୍ୟୟ କରିବ ତେବେ ମୁଁ ବିଶ୍ୱାସ ରଖୁଛି ଯେ, ତାହାର ଧନରେ ଅନ୍ୟବ୍ୟକ୍ତିଙ୍କ ତୁଳନାରେ ଅଧିକ ବରକତ୍ ବା ବିଭୂତି ପ୍ରଦାନ କରାଯିବ । କାରଣ ଧନ ଆପେ ଆପେ ଆସି ନଥାଏ। ସୁତରାଂ ଯେଉଁ ବ୍ୟକ୍ତି ନିଜ ଉପାର୍ଜିତ ଧନର କେତେକାଂଶ ଅଲ୍ଲାଃତାଲାଙ୍କ ପାଇଁ ଉତ୍ସର୍ଗ କରିଦିଏ ତେବେ ସେ ନିଶ୍ଚୟ ସେହି ଧନକୁ ହାସଲ କରିବାରେ ସଫଳ ତଥା ସକ୍ଷମ ହୋଇପାରିବ ଏବଂ ଯେଉଁ ବ୍ୟକ୍ତି ଧନକୁ ଭଲ ପାଇ ଅଲ୍ଲାଃତାଲାଙ୍କ ମାର୍ଗରେ ସେପରି ସେବା ସମ୍ପାଦନ କରିପାରିବ ନାହିଁ ଯେପରି ପ୍ରଦର୍ଶନ କରିବା ବିଧେୟ ଅଟେ । ତେବେ ଏପରିପ୍ରେକ୍ଷୀରେ ସେହି ବ୍ୟକ୍ତି ଉକ୍ତ ଧନକୁ ନିଶ୍ଚିତ ରୂପେ ହରାଇ ବସିବ । ପୁନଶ୍ଚ ହୁଜୁର ଅ.ସ କହିଲେ ଯେ, ଆମ ଜମାଅତର ପ୍ରତ୍ୟେକ ବ୍ୟକ୍ତି ପାଇଁ ଏହା ଅପରିହାର୍ଯ୍ୟ ଯେ, ସେ ଏହି ଶପଥ କରୁ ଯେ, ମୁଁ ଏତେ ଚାନ୍ଦା ଦେବି । ତେଣୁ ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ପାଇଁ ଶପଥ ନେଇଥାଏ ତେବେ ଅଲ୍ଲାଃତାଲା ସ୍ୱୟଂ ତା'ର ରିଜ଼କ ବା ଜୀବିକାରେ ବରକତ୍ ପ୍ରଦାନ କରିଥାନ୍ତି ।

ହୁଜୁର ଅନୱର ଅ.ବ କହିଲେ : ଅଲ୍ଲାଃତାଲାଙ୍କ କୃପାରୁ ଜମାଅତରେ ଏପରି ଲକ୍ଷାଧିକ ନୈଷ୍ଠିକ ଅହମଦିମାନେ ରହିଛନ୍ତି ଯେତେବେଳେ ସେମାନଙ୍କୁ ଚାନ୍ଦାର ମହତ୍ତ୍ୱ ସଂପର୍କରେ ଅବଗତ ବା ଦୃଷ୍ଟି ଆକର୍ଷଣ କରାଯାଏ ସେତେବେଳେ ସେମାନେ ଈଶ୍ୱରଙ୍କ ପ୍ରେମକୁ ପ୍ରାପ୍ତ କରିବା ପାଇଁ ଆର୍ଥିକ ତ୍ୟାଗରେ ଅଗ୍ରଗାମୀ ହେବାକୁ ପ୍ରୟାସ କରନ୍ତି ଏବଂ ଏହି କାରଣରୁ ହିଁ ମୁଁ ବିଗତ ଅନେକ ବର୍ଷ ହେଲା ଜମାଅତର ପ୍ରଶାସନିକ ବିଭାଗକୁ ଏଥିପ୍ରତି ଧ୍ୟାନ ଦେବା ପାଇଁ କହୁଛି । କାରଣ ନବାଗତ ଅହମଦିମାନଙ୍କୁ ଚାନ୍ଦାର ନିଜ଼ାମରେ ଶାମିଲ କରାଯାଉ । ସେ ଗୋଟିଏ ଛୁଞ୍ଚିର ଚାନ୍ଦା ଦେବାରେ ସମର୍ଥ ହେଉ ପଛେ ସେ ନିଜର

ସାମର୍ଥ୍ୟାନୁଯାୟୀ ହିଁ ଚାନ୍ଦା ପୈଠ କରୁ । କେତେକ ସ୍ଥାନରେ ଏହା ମଧ୍ୟ ଦେଖିବାକୁ ମିଳିଛି ଯେ, ବେଳେବେଳେ ଆର୍ଥିକ ରୂପେ ସ୍ୱଚ୍ଛଳ ଥିବା ବ୍ୟକ୍ତିମାନେ ମଧ୍ୟ ନିଜର ଅନଗ୍ରସର ପରିଜନମାନଙ୍କର ଚାନ୍ଦା ପୈଠ କରିଦେଇଥାଆନ୍ତି। ତାହା ଉଚିତ୍ ଏବଂ ଏହା ଅବଶ୍ୟ ଏକ ପୁଣ୍ୟ କାର୍ଯ୍ୟ ଅଟେ । କିନ୍ତୁ ସେହି ଗରିବ ଲୋକମାନଙ୍କ ପାଇଁ ଏହା ଉଚିତ୍ ହେବ ଯେ, ସେମାନେ ନିଜର ସାମର୍ଥ୍ୟାନୁଯାୟୀ ହିଁ ଏହି ଚାନ୍ଦାରେ ଅଂଶ ଗ୍ରହଣ କରନ୍ତୁ । କେବଳ ଧନ ଗଚ୍ଛିତ କରିବା ଏକ ଉଦ୍ଦେଶ୍ୟ ନୁହେଁ। ବରଂ ଅଲ୍ଲାଃତାଲାଙ୍କର ପ୍ରତିଭାଜନମ ଲାଭ କରିବା ହିଁ ଓ ତାଙ୍କ ଧର୍ମ ପାଇଁ ବଳିଦାନ ଦେବା ପ୍ରକୃତ ଉଦ୍ଦେଶ୍ୟ ଅଟେ । ସୁତରାଂ ଯେଉଁଠି ଜମାଅତର ବ୍ୟବସ୍ଥା ପ୍ରଶାସନ ଏହିପରି ଭାବେ ଚାନ୍ଦା ଆଦାୟ କରୁଥାଏ ଅର୍ଥାତ୍ ଲୋକମାନଙ୍କୁ କହିଦିଆଗଲା ଏବଂ କାହା ପାଇଁ ଚାନ୍ଦା ଦେଇ ଦିଆଗଲା ତେବେ ତାହା ଅନୁଚିତ୍ ଅଟେ । ସୁତରାଂ ବେଳେବେଳେ ଏହି ପ୍ରକାରର କଥା ମୋ ସାମ୍ନାକୁ ଆସିଥାଏ। ସେ ଯାହାହେଉ ନା କାହିଁକି ସାମୂହିକ ରୂପେ ମୁଁ ଏହା ଲକ୍ଷ୍ୟ କରିଛି ଯେ, ଆର୍ଥିକ ତ୍ୟାଗର ଯେଉଁ ରିପୋର୍ଟସ୍ ପ୍ରାପ୍ତ ହୁଏ ସେଥିରେ ବିଶେଷ ରୂପେ ଏହା ଉଲ୍ଲେଖ ରହିଛି ଯେ, ଗରିବ ଶ୍ରେଣୀୟ ଲୋକମାନଙ୍କର ଆର୍ଥିକ ତ୍ୟାଗର ଚର୍ଚ୍ଚା ଅଧିକ ମାତ୍ରାରେ ଉଲ୍ଲେଖ ହୋଇଛି, ସେମାନେ ଏହି ଦିଗ ପ୍ରତି ବିଶେଷ ରୂପେ ସଚେତିତ ଅଟନ୍ତି । କାରଣ ସେମାନେ ସର୍ବଦା ଏହି ଚିନ୍ତାରେ ଗତି କରନ୍ତି ଯେ, ଆମକୁ ଆର୍ଥିକ ବଳିଦାନ ଦେବାର ଆବଶ୍ୟକତା ରହିଛି । ଏହିପରି ଉଦାହରଣମାନ ହଜ଼ରତ ମସିହ ମଉଦ ଅ.ସଙ୍କ ସମୟରେ ମଧ୍ୟ ଦେଖିବାକୁ ମିଳିଥାଏ । ଏକଦା ହଜ଼ରତ ମସିହ ମଉଦ ଅ.ଙ୍କୁ କିଛି ଅର୍ଥର ଆବଶ୍ୟକତା ପଡିଲା ଏବଂ ଯେତେବେଳେ ଏ ସଂକ୍ରାନ୍ତରେ ଜଣେ ବନ୍ଧୁଙ୍କୁ କୁହାଗଲା ଯେ, ଏତିକି ଅର୍ଥର ଆବଶ୍ୟକତା ରହିଛି ଆପଣ ଜମାଅତରେ ଏହାର ଘୋଷଣା କରନ୍ତୁ, ସେତେବେଳେ ସେହି ବଦାନ୍ୟ ବ୍ୟକ୍ତି ଜଣକ ଜମାଅତରେ ଘୋଷଣା କରିବା ପରିବର୍ତ୍ତେ ସ୍ୱୟଂ ହିଁ ସେହି ଅର୍ଥକୁ ପୈଠ କରି ଦିଅନ୍ତି ଏବଂ ମତାମତ ଏହା ଦେଲେ ଯେ, ଏହି ଅର୍ଥ ଉକ୍ତ ଜମାଅତ ହିଁ ଦେଇଛି । ସୁତରାଂ ଉକ୍ତ କଥାଟି ହଜ଼ରତ ମସିହ ମଉଦ ଅ.ସଙ୍କ ଗୋଚରାର୍ଥେ ହୋଇନଥିଲା କି ସେତେବେଳେ ଏହି ପ୍ରକାର ତ୍ୟାଗ ପ୍ରକାଶିତ ହୋଇଥିଲା । ସୁତରାଂ ଯେତେବେଳେ ହଜ଼ରତ ମସିହ ମଉଦ ଅ.ସ ସେହି ଜମାଅତର ଅନ୍ୟ ବ୍ୟକ୍ତିଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କଲେ ସେତେବେଳେ ହୁଜ଼ୁର ଅ.ସ କହିଲେ ଯେ, ଆପଣଙ୍କର ଜମାଅତ ଯଥା ସମୟରେ ଆଶାଠୁ ବଳି ସାହାଯ୍ୟ କରିଛି ଏବଂ ଯେତେବେଳେ ସେହି ବ୍ୟକ୍ତି ଜାଣିବାକୁ ପାଇଲେ ଯେ, ଉକ୍ତ ତ୍ୟାଗଟି ତ' କେବଳ ଜଣେ ବ୍ୟକ୍ତି ହିଁ କରିଛନ୍ତି ତେବେ ଜମାଅତର ଅନ୍ୟ ସଦସ୍ୟମାନେ ଏହା ଶୁଣି କ୍ଷୋଭ ପ୍ରକାଶ କଲେ ଏବଂ ତାଙ୍କୁ କହିଲେ ଯେ, ଆପଣ ଆମକୁ ଅନ୍ତତଃ ଜଣେଇଲେ ନାହିଁ ଯେ, ମସିହ ମଉଦ ଅ.ସଙ୍କୁ କିଛି ଅର୍ଥର ଆବଶ୍ୟକତା ରହିଛି । ଆମମାନଙ୍କ ପାଖରେ ଏପରି ସେବା କରିବାର ସୁଯୋଗ ଆସିଥିଲା । ହେଲେ ଆମେ ଏପରି ସୁଯୋଗରୁ ବଞ୍ଚିତ ହେଲୁ । ଏହି ଅର୍ଥ ପୈଠକାରୀଙ୍କର ନାମ ହେଲା ମୁନଶୀ ଜ଼ଫର ଅହମଦ ସାହେବ । ଯିଏ ସେତେବେଳେ ନିଜର ସହଧର୍ମିଣୀଙ୍କର ଗହଣା ବିକ୍ରି କରି ଉକ୍ତ ରାଶି ମସିହ ମଉଦ ଅ.ସଙ୍କୁ ଉପଲବ୍ଧ କରାଇଥିଲେ । ବାସ୍ତବ ପକ୍ଷେ କହିବାକୁ ଗଲେ ଏହି ତ୍ୟାଗରେ ତାଙ୍କର ସ୍ତ୍ରୀ ମଧ୍ୟ ଶାମିଲ ଥିଲେ । ତେଣୁ ଅଲ୍ଲାଃତାଲା ହଜ଼ରତ ମସିହ ମଉଦ ଅ.ସଙ୍କୁ ଏମିତି ଏମିତି ଲୋକ ପ୍ରଦାନ କରିଛନ୍ତି ଯେଉଁମାନେ କେବଳ ଅଲ୍ଲାଃତାଲାଙ୍କ ପ୍ରୀତିଭାଜନକୁ ଲାଭ କରିବା ପାଇଁ ପ୍ରତ୍ୟେକ ବଳିଦାନ ପାଇଁ ପ୍ରସ୍ତୁତ ରହୁଥିଲେ । ଏହା ହିଁ ସେହି ଦୃଷ୍ଟାନ୍ତ ଯାହାକୁ ଆଁହଜ଼ରତ ସ.ଅ ନିଜ ସାହାବାମାନଙ୍କ ମଧ୍ୟରେ ସ୍ଥାପିତ କରିଛନ୍ତି ଏବଂ ଯାହା ଉପରେ ହଜ଼ରତ ମସିହ ମଉଦ ଅ.ସଙ୍କର ଅନୁଗାମୀମାନେ ମଧ୍ୟ ଅନୁକରଣ କରିଛନ୍ତି ଏବଂ ଏହା ବର୍ତ୍ତମାନର ବା ଆଜିକାର କଥା ନୁହେଁ ବରଂ ଏହି ପରଂପରାଟି ଆଜିଯାଏଁ ଅବ୍ୟାହତ ରହିଛି ।

ଗ୍ୟାମ୍ବିୟାର ଅବଦୁର୍ ରହମାନ୍ ନାମକ ଜଣେ ବନ୍ଧୁ ଅଟନ୍ତି, ତାଙ୍କୁ ନିଜ ପିଲାମାନଙ୍କ ସ୍କୁଲର ପାଠ ପଢା ଖର୍ଚ୍ଚ ଦେବାରେ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା ତେଣୁ ସେ କେନ୍ଦ୍ରୀୟ ମୁବଲ୍ଲିଗ୍ ସାହେବଙ୍କୁ ନିଜ ଅସୁବିଧା ସଂପର୍କରେ କହିଲେ ଏବଂ କହିଲେ ଯେ, ମୋର ଆର୍ଥିକ ପରିସ୍ଥିତି ଠିକ୍ ନାହିଁ । ତେଣୁ ମୁବଲ୍ଲିଗ୍ ସାହେବ କହିଲେ ଯେ, ଆପଣ ଅର୍ଥ ଦାନ କରନ୍ତୁ, ଅଲ୍ଲାଃତାଲା ଆପଣଙ୍କ ଉପରେ ନିଜର କୃପା ଅବତୀର୍ଣ୍ଣ କରିବେ । ସେ ୨୫୦ ଡ଼ଲାସି ଅର୍ଥ ୱକ଼ଫେ ଜଦିଦର ଚାନ୍ଦାରେ ପୈଠ

କଲେ । ସେ କହନ୍ତି ଯେ, ଚାନ୍ଦା ପୈଠ କରିସାରିବା ପରେ ମୋତେ ୫୦୦୦ ଡ଼ଲାସିର ମାସିକ ବେତନ ବିଶିଷ୍ଟ ଏକ ଚାକିରୀ ମିଳିଲା ଯାହା ଦ୍ୱାରା ସେ ନିଜ ପାଲିମାନଙ୍କ ସ୍କୁଲର ପାଠପଢା ଖର୍ଚ୍ଚ ଅତି ସହଜରେ ବହନ କରିପାରୁଛନ୍ତି ।

ହୁଜୁର ଅନଓ୍ୱର ଅ.ବ କହିଲେ ଯେ, ଜଣେ ଗରିବ ବ୍ୟକ୍ତି କିଭଳି ଭାବରେ ଆର୍ଥିକ ତ୍ୟାଗ କରିଥାଏ ଏବଂ କିପିରି ଭାବରେ ସେ ଅଲ୍ଲାଃତାଲାଙ୍କ ଉପରେ ଭରସା ବା ନିର୍ଭର କରିଥାଏ ଏବଂ ଅଲ୍ଲାଃତାଲା ନିଜ ଭକ୍ତର ସେହି ଭରସାକୁ କେଉଁଭଳି ଭାବରେ ପୂର୍ଣ୍ଣ କରନ୍ତି ତାହା ନିମ୍ନ ଘଟଣାରୁ ଅନୁମିତ ହୁଏ ଯଥା, ଗିନି ବସାଓର ମିଶନାରୀ ସାହେବ ଏକ ଘଟଣା ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ମୋଣ୍ଟିରୋ କମାରା ସାହେବ୍ ନାମକ ଜଣେ ବନ୍ଧୁଙ୍କୁ ତାଙ୍କର ୱକ୍‌ଫେ ଜଦିଦର ଚାନ୍ଦା ପୈଠ ସଂପର୍କରେ ଅବଗତ କରାଗଲା ସେତେବେଳେ ସେ କହିବାକୁ ଲାଗିଲେ ଯେ, ବର୍ତ୍ତମାନ ମୋ ପାଖରେ ୪୦୦୦ ଫ୍ରାଙ୍କ୍ ସିଫା ଅଛି । ଯାହାକୁ ମୁଁ ଆଜି ଖାଇବା ପାଇଁ ରଖିଥିଲି । ସେ ଯାହାହେଉ ନା କାହିଁକି ସେ ସେହି ଟଙ୍କାକୁ ଚାନ୍ଦାରେ ପୈଠ କରିଦେଲେ ଯାହାକୁ ସେ ଖାଇବା ପାଇଁ ରଖିଥିଲେ ଏବଂ ଖାଦ୍ୟ ଅନ୍ୟ ବ୍ୟକ୍ତି ଠାରୁ ଧାର ଆଣିଲେ । ସେ କହନ୍ତି ଯେ, ପରବର୍ତ୍ତୀ ଦିନ ତାଙ୍କ ଝିଅ ସହରରୁ ଆସି ତାଙ୍କ ପାଇଁ ଦୁଇ ବସ୍ତା ଚାଉଳ, ଗୋଟିଏ କ୍ୟାନିସ୍ଟର ଆର୍ଥାତ୍ ପନ୍ଦର କେ.ଜି ବିଶିଷ୍ଟ ତେଲର ଗୋଟିଏ ଟିଣ ବାକ୍ସ, କିଛି ପଇସା ଏବଂ ଅନ୍ୟାନ୍ୟ ସାମଗ୍ରୀମାନ ଦେଲେ । ତେଣୁ ତାଙ୍କୁ ଉକ୍ତ କଥାରେ ପୂର୍ଣ୍ଣ ବିଶ୍ୱାସ ହୋଇଗଲା ଯେ, ମୁଁ ଯେଉଁ ପଇସାକୁ ଖାଇବା ପାଇଁ ରଖିଥିଲି ଏବଂ ଅଲ୍ଲାଃତାଲାଙ୍କୁ ଚାନ୍ଦା ଦେବା ଫଳରେ ଅଲ୍ଲାଃତାଲା ତହିଁରେ ଏତେ ବରକତ୍ ଦେଲେ ଯଦ୍ୱାରା ମୋତେ ପରବର୍ତ୍ତୀ ଦିନ ଏତେ ପରିମାଣର ଖାଦ୍ୟ ସାମାଗ୍ରୀ ପ୍ରାପ୍ତ ହେଲା ।

କାଦିୟାନରୁ ମାମୁନ ରଶିଦ ସାହେବ ସେକ୍ରେଟାରୀ ୱକ୍‌ଫେ ଜଦିଦ୍ ଉଲ୍ଲେଖ କରନ୍ତି ଯେ, ସୁଲୈଜା ସାହେବ ନାମକ ଜଣେ ବ୍ୟକ୍ତି ଅଟନ୍ତି । ତାଙ୍କର ଚଳିତ ବର୍ଷର ୱକ୍‌ଫେ ଜଦିଦର ଚାନ୍ଦା ପାରିବାରିକ ସମସ୍ୟା ଯୋଗୁଁ ବାକି ଥିଲା। ତାଙ୍କ ଭାଇ ତାଙ୍କୁ ଏଥିପ୍ରତି ଦୃଷ୍ଟି ଆକର୍ଷଣ କଲେ ଯେ, ବର୍ତ୍ତମାନ ବର୍ଷ ଶେଷ ହେବାକୁ ବସିଲାଣି ତେଣୁ ଆପଣ ନିଜ ଚାନ୍ଦା ଯଥାଶୀଘ୍ର ପୈଠ କରନ୍ତୁ । ସୁତରାଂ ତାଙ୍କ ଆକଉଣ୍ଟରେ ଯଥେଷ୍ଟ ପରିମାଣର ଟଙ୍କା ନଥିବାରୁ ସେ ଚାନ୍ଦା ପୈଠ କରିବାରେ ଅସମର୍ଥ ଥିଲେ । ବରଂ ତାଙ୍କ ଆକାଉଣ୍ଟରେ ଗଚ୍ଛିତ ଧନର କେବଳ ଶତକଡ଼ା ୩୦ ଭାଗ ହିଁ ଅର୍ଥ ରହିଥିଲା । ତେଣୁ ସେ ବହୁତ ଚିନ୍ତିତ ଥିଲେ ଯେ, ସେ କିପିରି ନିଜ ଚାନ୍ଦା ପୈଠ କରିବେ । ପରିଶେଷରେ ତାଙ୍କ ଆକାଉଣ୍ଟରେ ଯେତିକି ଅର୍ଥ ରହିଥିଲା ତାହାକୁ ହିଁ ସେ ଚାନ୍ଦାରେ ପୈଠ କଲେ । ସେ ବର୍ଣ୍ଣନା କରନ୍ତି ଯେ, ଅଲ୍ଲାଃତାଲାଙ୍କ ତରଫରୁ ଅଦଭୂତ ରୂପେ କିଛି କ୍ଷଣରେ ହିଁ ଆକାଉଣ୍ଟରେ ଏତେ ଅଧିକ ପରିମାଣର ଅର୍ଥ ରାଶି ଡ଼ିପୋଜ଼ିଟ୍ ହୋଇଗଲା ଯାହାଦ୍ୱାରେ ସେ ଅବଶିଷ୍ଟ ଚାନ୍ଦା ମଧ୍ୟ ପୈଠ କରିବାରେ ସକ୍ଷମ ହେଲେ । ସୁତରାଂ ସେ ସେହି ଅର୍ଥ ରାଶିକୁ ନିଜର ଉଲ୍ଲିଖିତ ପ୍ରତିଶୃତି ଅନୁଯାୟୀ ପୈଠ କରିଦେଲେ । ସେହି ବନ୍ଧୁ କହନ୍ତି ଯେ, ନିଜର କରିଥିବା ପ୍ରତିଶୃତିକୁ ବର୍ଷ ଶେଷ ହେବା ପୂର୍ବରୁ ହିଁ ପୈଠ କରି ଦେଉଥିଲେ । କିନ୍ତୁ ସେହି ବର୍ଷ ହିଁ ତାଙ୍କର ଏବଂ ତାଙ୍କର ସନ୍ତାନମାନଙ୍କର ଅସୁସ୍ଥତା କାରଣରୁ ତାଙ୍କର ଚାନ୍ଦା ବାକି ରହିଯାଇଥିଲା । ଏଥିପାଇଁ ସେ ଅତ୍ୟନ୍ତ ଚିନ୍ତତ ମଧ୍ୟ ଥିଲେ କିନ୍ତୁ ଅଲ୍ଲାଃତାଲା ଅତ୍ୟନ୍ତ ଚମତ୍କାର ଢଙ୍ଗରେ ଏହାର ବ୍ୟବସ୍ଥା କରିଦେଲେ ଏବଂ ସେ ଆହୁରି କହନ୍ତି ଯେ, ତାହା ମୋ ବିଶ୍ୱାସକୁ ବର୍ଦ୍ଧିତ କରିବାରେ ସହାୟ ହୋଇଛି ।

ଭାରତରୁ ହିଁ ଅବଦୁଲ ମହମୁଦ ସାହେବ ନାମକ ଜଣେ ୱକ୍‌ଫେ ଜଦିଦର ଇନସ୍ପେକ୍ଟର ଜଣେ ବନ୍ଧୁଙ୍କ ଘଟଣା ସଂପର୍କରେ ଉଲ୍ଲେଖ କରି କହନ୍ତି ଯେ, ତାଙ୍କର ଗୋଟିଏ ତେଜରାତିର ହୋଲ୍ ସେଲ୍ ଦୋକାନଟିଏ ଅଛି । ସେ ଦୈନିକ ଦୋକାନ ଖୋଲିବା ମାତ୍ରେ ୧୦୦ ଟଙ୍କା ଆଗେ ନିୟମିତ ରୂପେ ବାକ୍ସରେ ପକାଉଥିଲେ । ଯଦ୍ୱାରା ସେ ନିଜର ପ୍ରତିଶୃତି ଅନୁଯାୟୀ ଚାନ୍ଦା ପୈଠ କରିପାରୁଥିଲେ । ସେ କହନ୍ତି ଯେ, ଦିନେ ଦୋକାନକୁ କମ୍ ସଂଖ୍ୟାରେ ଗ୍ରାହକମାନେ ସାମଗ୍ରୀ ନେବାକୁ ଆସିଲେ । ପରବର୍ତ୍ତୀ ଦିନ ସେ ଦୋକାନ ଖୋଲିବା ମାତ୍ରେ ୧୦୦ ଟଙ୍କା ଜାଗାରେ ନିଜ ବାକ୍ସରେ ୩୦୦ ଟଙ୍କା ପକେଇଦେଲେ ଏବଂ ମନରେ ଭାବିଲେ ଯେ, ଆଜି କାହିଁକି ଅଲ୍ଲାଃତାଲାଙ୍କ ସହିତ ବ୍ୟାପାର କରାନଯିବ ? ଅଲ୍ଲାଃତାଲାଙ୍କ ଏଭଳି କୃପା ହେଲା ଯେ, ସେହି ଦିନ ଦ୍ୱିପ୍ରହର ପରେ ମୋ ଦୋକାନକୁ ୮ ଜଣ ଗ୍ରାହକ ଆସିଲେ । ଅଲ୍ଲାଃତାଲାଙ୍କ କୃପାରୁ ସେହି ଦିନ ବହୁତ

ରୋଜଗାର ହେଲା ଏବଂ କହନ୍ତି ଯେ, ଅଲ୍ଲାଃତାଲା ଯେତେବେଳେ ମନୁଷ୍ୟ ଉପରେ ପ୍ରସନ୍ନ ହୁଅନ୍ତି ସେତେବେଳେ ତା'କୁ ଏତେ ଦିଅନ୍ତି ଯେ, ଯାହା ମନୁଷ୍ୟର ଦୁଇ ବାହୁ ତାହାକୁ ସମ୍ଭାଳି ପାରିନଥାଏ।

ତାଞ୍ଜାନିୟାର ଅମୀର ସାହେବ ଉଲ୍ଲେଖ କରନ୍ତି ଯେ, ଅରଷା ରିଜନର (ଅଞ୍ଚଳର) ଏକ ଜମାଅତକୁ ଚାନ୍ଦା ଦେବା ପାଇଁ କୁହାଗଲା । ସେଠାକାର ଫାତିମା ନାମକ ଜଣେ ଗରିବ ମହିଳା ଯିଏକି କଦଳୀ ଏବଂ ଫଳମୂଳ ଇତ୍ୟାଦି ବିକ୍ରି କରି ନିଜର ଭରଣ ପୋଷଣ କରନ୍ତି । ସେ ନିଜର ୨ଦିନର ସମସ୍ତ ଆୟକୁ ୱକ୍‌ଫେ ଜଦିଦର ଚାନ୍ଦାରେ ପୈଠ କରିଦେଲେ ଏବଂ ନିଜର ପିରବାରକୁ ମଧ୍ୟ ନିୟମିତ ରୂପେ ୱକ୍‌ଫେ ଜଦିଦର ଚାନ୍ଦାରେ ଶାମିଲ କରିନେଲେ । ସେହିପରି ଭାବରେ ଜମାଅତର ଜଣେ ବୃଦ୍ଧା ମହିଳା ଅଟନ୍ତି ଯେତେବେଳେ ତାଙ୍କୁ ଚାନ୍ଦା ଦେବାକୁ କୁହାଗଲା ସେତେବେଳେ ସେ ପରବର୍ତ୍ତୀ ଦିନ ସକାଳ ୮ଘଟିକା ସମୟରେ ନିଜେ ମିଶନ୍ ହାଉସକୁ ଆସି ପାଞ୍ଚ ହଜ଼ାର ଶିଲିଙ୍ଗ୍ ୱକ୍‌ଫେ ଜଦିଦର ଚାନ୍ଦା ପୈଠ କଲେ । ବର୍ତ୍ତମାନ ଏମାନେ ସେହି ଲୋକମାନେ ଅଟନ୍ତି ଯେଉଁ ମାନଙ୍କ ସଂକ୍ରାନ୍ତରେ ହଜ଼ରତ ମସିହ ମଉଦ ଅ.ସ କହିଛନ୍ତି ଯେ***, "ଏହି ଲୋକମାନଙ୍କୁ ଦେଖି ବଡ଼ ବଚିତ୍ର ମନେ ହେଉଛି ଯେ, ସେମାନେ କେଉଁଭଳି ଭାବରେ ବଳିଦାନ ବା ତ୍ୟାଗ କରୁଛନ୍ତି"।***

ଭାରତରୁ ଜଣେ ୱକ୍‌ଫେ ଜଦିଦର ଇନ୍ସପେକ୍ଟର ଜଣେ ବାଳିକା ବିଷୟରେ ଚର୍ଚ୍ଚା କରି କହନ୍ତି ଯେ, ସେହି ବାଳିକାଟି ଦୀର୍ଘ ବର୍ଷ ହେଲା ନିୟମିତ ରୂପେ ଚାନ୍ଦା ଦେଉଅଛି ଏବଂ ଗୋଟିଏ ଛୋଟ ଥଳୀରେ ପଇସା ଗଚ୍ଛିତ କରି ରଖୁଥାଏ । ସେ କିଛି କହିପାରେ ନାହିଁ କି କିଛି ଶୁଣିପାରେ ନାହିଁ । କିନ୍ତୁ ଯାହାକିଛି ତାକୁ ଟଙ୍କା ମିଳେ ତାହାକୁ ସେ ଚାନ୍ଦାରେ ଦେଇଦିଏ । ଯେତେବେଳେ ସେ ଅନ୍ୟମାନଙ୍କୁ ଚାନ୍ଦା ଦେଉଥିବାର ଦେଖେ ସେତେବେଳେ ତା' ମନରେ ମଧ୍ୟ ଏହି ମନୋଭାବଟି ଉଦ୍ରେକ ହୁଏ ।

ବର୍ତ୍ତମାନ ମୁଁ ୱକ୍‌ଫେ ଜଦିଦ୍ ସୂତ୍ରରୁ ଗତ ବର୍ଷ ମଧ୍ୟରେ ୱକ୍‌ଫେ ଜଦିଦର ଚାନ୍ଦାରେ ଯେଉଁ ତ୍ୟାଗଗୁଡ଼ିକ ହୋଇଛି ତତ୍ ସଂକ୍ରାନ୍ତରେ ରିପୋର୍ଟ ଆଗତ କରିବି ଏବଂ ନୂତନ ବର୍ଷର ଘୋଷଣା କରିବି । ଅଲ୍ଲାଃତାଲାଙ୍କ କୃପାରୁ ୱକ୍‌ଫେ ଜଦିଦର ୬୨ତମ ବର୍ଷର ସମାପ୍ତି ୩୧ ଡ଼ିସେମ୍ବରରେ ହୋଇଛି ଏବଂ ନୂତନ ବର୍ଷ ୧ ଜାନୁୟାରୀରୁ ଆରମ୍ଭ ହୋଯାଇଛି । ଏହି ସମୟରେ ଜମାଅତ ଅହମଦିୟାକୁ ଆନ୍ତର୍ଜାତିକ ସ୍ତରରେ ୱକ୍‌ଫେ ଜଦିଦରେ ୫୬ ଲକ୍ଷ ୪୩ ହଜ଼ାର ପାଉଣ୍ଡର ଆର୍ଥିକ ତ୍ୟାଗ କରିବାର ସାମର୍ଥ୍ୟ ହୋଇଛି । ଯାହାକି ଗତ ବର୍ଷ ତୁଳନାରେ ୫ ଲକ୍ଷ ପାଉଣ୍ଡ ଅଧିକ ଅଟେ । ଚଳିତ ବର୍ଷ ଚାନ୍ଦା ଆଦାୟ ଦୃଷ୍ଟିରୁ ବ୍ରିଟେନ ସମଗ୍ର ପୃଥିବୀର ଜମାଅତ ଅପେକ୍ଷା ତାଲିକାର ସର୍ବାଗ୍ରେ ରହିଛି । ପୁନଶ୍ଚ ପାକିସ୍ତାନ, ଜର୍ମାନୀ, ଆମେରିକା, କାନାଡ଼ା, ଭାରତ, ଅଷ୍ଟ୍ରେଲିଆ, ଇଣ୍ଡୋନେସିଆ, ମିଡ଼ିଲ ଇଷ୍ଟର ଦୁଇଟି ଜମାଅତ ଯଥାକ୍ରମେ ସ୍ଥାନ ଅଧିକାର କରିଛନ୍ତି ।

ସ୍ଥାନୀୟ ମୁଦ୍ରାସ୍ଫୀତ ହାର ଗତ ବର୍ଷ ତୁଳନାରେ ଅଧିକ ଅଭିବୃଦ୍ଧି ହୋଇଥିବା ୧୦ଟି ବଡ଼ ଜମାଅତଗୁଡ଼ିକ ହେଲେ, ଯହିଁରେ ଇଣ୍ଡୋନେସେଆ ସୂଚୀର ସର୍ବାଗ୍ରେ ରହିଛି ପୁନଶ୍ଚ ଜର୍ମାନୀ, ପୁନଶ୍ଚ ଆମେରିକା ଏହା ପରେ ଅନ୍ୟାନ୍ୟ ଜମାଅତମାନେ ରହିଛନ୍ତି । ଭାରତ ମଧ୍ୟ ନିଜର ଚାନ୍ଦାଦେୟକାରୀ ତଥା ବଜେଟରେ ଆଶାତୀତ ଭାବେ ଅଭିବୃଦ୍ଧି ଘଟାଇଛି ଏବଂ କାନାଡ଼ା ବ୍ରିଟେନ୍ ଏବଂ ମିଡ଼ିଲ୍ ଇଷ୍ଟର ଜମାଅତ ଏବଂ ପାକିସ୍ତାନ ଓ ଅଷ୍ଟ୍ରେଲିଆ ତୁଳନାରେ ଭାରତ ସ୍ଥାନୀୟ ମୁଦ୍ରାସ୍ଫୀତିରେ ଯେଉଁ ବୃଦ୍ଧି ଘଟିଛି ତାହା ଉପରୋକ୍ତ ଦେଶ ତୁଳନାରେ ଅଧିକ ଅଟେ । ଏହି ଦୃଷ୍ଟିୟକୋଣରୁ ଭାରତ ପଞ୍ଚମ ସ୍ଥାନରେ ରହଛି ।

ଅଲ୍ଲାଃତାଲାଙ୍କ କୃପାରୁ ଚଳିତ ବର୍ଷ ୱକ୍‌ଫେ ଜିଦଦରେ ଯେଉଁମାନେ ଶାମିଲ ହୋଇଛନ୍ତି ସେମାନଙ୍କର ସଂଖ୍ୟା ହେଉଛି ୧୮ ଲକ୍ଷ ୨୧ ହଜାର ଏବଂ ଚଳିତ ବର୍ଷ ସେମାନଙ୍କର ଅଭିବୃଦ୍ଧି ହାର ୭୯ ହଜ଼ାର ଅଟେ । ଭାରତର ରାଜ୍ୟମାନଙ୍କ ମଧ୍ୟରେ କେରଳ ପ୍ରଥମ ସ୍ଥାନ ଅଧିକାର କରିଛି, ଜାମ୍ମୁ କାଶ୍ମୀର ଦ୍ୱିତୀୟ, ତାମିଲନାଡୁ ତୃତୀୟ, ତେଲେଙ୍ଗାନା ଚତୁର୍ଥ, ଓଡ଼ିଶା ପଞ୍ଚମ, ଷଷ୍ଠ ପଞ୍ଜାବ, ସପ୍ତମ ପଶ୍ଚିମବଙ୍ଗ, ଅଷ୍ଟମ ଦିଲ୍ଲୀ, ନବମ ଉତ୍ତରପ୍ରଦେଶ । ଆଦାୟ ଦୃଷ୍ଟିରୁ ଭାରତର ଜମାଅତଗୁଡ଼ିକ ହେଲେ ପାଠା ପରିୟାମ୍ ପ୍ରଥମ, କ଼ଦିୟାନ୍ ଦ୍ୱିତୀୟ, ତୃତୀୟ ହାଇଦ୍ରାବାଦ, ଚତୁର୍ଥ କାଲିକଟ୍, ପଞ୍ଚମ ବାଙ୍ଗାଲୋର, ଷଷ୍ଠ କୋୟମ୍ବଟୁର, ସପ୍ତମ କଲିକତା, ଅଷ୍ଟମ କେରୁଲାଇ, ନବମ କେରଙ୍ଗ, ଦଶମ ପ୍ୟାଙ୍ଗାଡ଼ି ।

ହୁଜୁର ଅନୱର ଅ.ବ କହିଲେ : ପାକିସ୍ତାନର ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡ଼ି ଥିବାରୁ ମୁଦ୍ରାର ମୂଲ୍ୟ ଅତ୍ୟନ୍ତ ନଗଣ୍ୟ ଅର୍ଥାତ୍ ନିମ୍ନ ସ୍ତରକୁ ଖସି ଆସିଛି ଏବଂ ଏହି କାରଣରୁ ପାକିସ୍ତାନର ସ୍ଥାନ ମଧ୍ୟ କ୍ରମଶଃ ପଛେଇ ଯାଇଛି । ଏହାସତ୍ତ୍ୱେ ମଧ୍ୟ ସେମାନେ କେବେହେଲେ ତ୍ୟାଗରେ ଉଣା କରନ୍ତି ନାହିଁ । ପୁନଶ୍ଚ ସେହି ଅଞ୍ଚଳରେ ଭାରତ ଓ ପାକିସ୍ତାନ ମଧ୍ୟରେ ଥିବା ଉତ୍ତେଜନା ତଥା ତିକ୍ତତା ମଧ୍ୟ ବୃଦ୍ଧି ପାଇଛି । ଭାରତରେ ଅନ୍ତରୀଣ ସମ୍ବାଦ ବା ସୂଚନା ରୂପେ ପରିସ୍ଥିତ ଅତ୍ୟନ୍ତ ସଂକଟାପନ୍ନ ରହିଛି ଏବଂ ସାମଗ୍ରିକ ପରିସ୍ଥିତି ମଧ୍ୟ ଏପରି ଅଟେ ଯାହା ପ୍ରତୀୟମାନ ହେଉଛି ଏହି ସମସ୍ତ ଦେଶଗୁଡ଼ିକ ନିଜର ଧ୍ୱଂସକୁ ନିମନ୍ତ୍ରଣ ଦେଉଛନ୍ତି । ମିଡ଼ିଲ୍ ଇଷ୍ଟର ପରିସ୍ଥିତି ମଧ୍ୟ ବିଗିଡିବାରେ ଲାଗିଛି । ବର୍ତ୍ତମାନ ଇରାନ ଏବଂ ଆମେରିକା ଏବଂ ଇସ୍ରାଇଲ ଭଳି ଦେଶରେ ଯୁଦ୍ଧର ଆଶଙ୍କା ବଢିବାରେ ଲାଗିଛି । ମୁସଲମାନ ଦେଶଗୁଡ଼ିକରେ ପାରସ୍ପାରିକ ସଦ୍‌ଭାବନା ତଥା ସଂହତିର ଅଭାବ ରହିଛି । ସୁତରାଂ ପୃଥିବୀକୁ ଧ୍ୱଂସ ମୁଖରୁ ରକ୍ଷା ପାଇବାକୁ ହେଲେ ତଥା ଅଲ୍ଲାଃତାଲାଙ୍କ ଆଡ଼କୁ ଆସିବା ପାଇଁ ଆମକୁ ଯଥେଷ୍ଟ ଦୁଆ କରିବାର ଆବଶ୍ୟକତା ରହିଛି । ଅଲ୍ଲାଃତାଲା ନିଜର କୃପା କରନ୍ତୁ ଏବଂ ସେମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ ।

ନୂତନ ବର୍ଷର ଶୁଭାରମ୍ଭ ହୋଇଛି ଆମ୍ଭେମାନେ ପରସ୍ପରକୁ ଶୁଭେଚ୍ଛା ତଥା ଅଭିନନ୍ଦନ ଜଣାଉଛୁ କିନ୍ତୁ ଅନ୍ଧକାର ଘନୀଭୂତ ହୋଇଯାଉଛି । ସୁତରାଂ ଏହି ବର୍ଷଟି ମଙ୍ଗଳମୟ ହେବା ଅତ୍ୟନ୍ତ ଆବଶ୍ୟକୀୟ ହୋଇପଡ଼ିଛି । କାରଣ ଆମେମାନେ ଅଲ୍ଲାଃତାଲାଙ୍କ ନିକଟରେ ଏତିକି ପ୍ରାର୍ଥନା କରିବା ଉଚିତ୍ ଯେ, ହେ ଅଲ୍ଲାଃ! ଏହି ବର୍ଷକୁ ଏହିପରି ଭାବରେ ମଙ୍ଗଳମୟ କରନ୍ତୁ ଯେପରି ରାଷ୍ଟ୍ରମାନେ ନିଜକୁ ଅନ୍ୟ ଆଗରେ ଶ୍ରେଷ୍ଠତର ସାବ୍ୟସ୍ତ ତଥା ପ୍ରମାଣିତ କରିବା ପାଇଁ ପୃଥିବୀକୁ ଧ୍ୱଂସ ମୁଖକୁ ନ ନେଇ ଯାଆନ୍ତୁ । ବରଂ ସେମାନେ ପୃଥିବୀରେ ଶାନ୍ତି ଏବଂ ନ୍ୟାୟ ପ୍ରତିଷ୍ଠା କରିବା ଦିଗରେ ସହାୟକ ହୁଅନ୍ତୁ । ଅଲ୍ଲାଃତାଲା ସେମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ । ଆମିନ୍ । ମୁସଲମାନ ରାଷ୍ଟ୍ରଗୁଡ଼ିକ ରହିଛନ୍ତି ସେମାନେ ମସିହ ମଉଦ ଅ.ସଙ୍କ ବିରୋଧ ପ୍ରଦର୍ଶନ କରିବା ସୀମା ଲଂଘନ କରିବା ପରିବର୍ତ୍ତେ ଆଁହଜ଼ରତ ସ.ଅଙ୍କ ସତ୍ୟବାନ ସେବକ ତଥା ମସିହ୍ ଓ ମେହଦିଙ୍କ ସହିତ ସଂଶ୍ଳୀଷ୍ଟ ହୋଇ ଆଁହଜ଼ରତ ସ.ଅଙ୍କର ଧ୍ୱଜାକୁ ସମଗ୍ର ପୃଥିବୀରେ ଉଡ଼ାଇବାରେ ସହାୟକ ହୁଅନ୍ତୁ ଏବଂ ଏକେଶ୍ୱରବାଦକୁ ପୃଥିବୀରେ ସ୍ଥାପନକାରୀ ରୂପେ ବିବେଚିତ ହୁଅନ୍ତୁ । ଅଲ୍ଲାଃତାଲା ଆମମାନଙ୍କୁ ମଧ୍ୟ ସାମର୍ଥ୍ୟ ପ୍ରଦାନ କରନ୍ତୁ ଯେପରି ଆମେମାନେ ପୂର୍ବାପେକ୍ଷା ଅଧିକ, ସମୟର ଧର୍ମାଧିକ୍ଷକଙ୍କୁ ସ୍ୱୀକାର କରିବାରେ ଯଥାର୍ଥ କର୍ତ୍ତବ୍ୟ ସଂପାଦନ କରିବାରେ ସମର୍ଥ୍ୟ ହୋଇପାରିବୁ ଏବଂ ଏହି ଗୁରୁଦାୟିତ୍ୱକୁ ନିର୍ବାହ କରି ଏବଂ ଏକେଶ୍ୱରବାଦର ଧ୍ୱଜାକୁ ସମଗ୍ର ପୃଥିବୀରେ ଉଡ଼ାଇଲାବାଲା ହେଉ ଏବଂ ପୃଥିବୀକୁ ଆଁହଜ଼ରତ ସ.ଅଙ୍କ ଧ୍ୱଜା ତଳକୁ ଆଣିବାରେ ସକ୍ଷମ ହୋଇପାରିବୁ ଏବଂ ଏଥି ନିମନ୍ତେ ନିଜର ସମସ୍ତ ସାମର୍ଥ୍ୟ ତଥା ସମ୍ବଳକୁ ବିନିଯୋଗ କରିବାରେ ସଫଳ ହେଉ । ଯଦି ଆମେମାନେ ଏପରି ଚିନ୍ତାଧାରା ରଖୁ ନାହୁଁ କିମ୍ବା ଏପରି ଚିନ୍ତାଧାରା ରଖି ଦୁଆ କରୁ ନାହୁଁ କିମ୍ବା ନିଜର ଦୁଆ ସହିତ ନବବର୍ଷରେ ପ୍ରବେଶ କରୁ ନାହୁଁ ତେବେ ଆମମାନଙ୍କର ନୂତନ ବର୍ଷର ଅଭିନନ୍ଦନ କେବଳ ତୁଚ୍ଛ ଅଭିନନ୍ଦନ ଅଟେ । ଯାହାର କୌଣସି ଲାଭ ବା ମୂଲ୍ୟ ନାହିଁ ।

ସୁତରାଂ ନବବର୍ଷର ପ୍ରକୃତ ଅଭିନନ୍ଦନ ଆମ ଉପରେ ଯେଉଁ ଗୁରୁଦାୟିତ୍ୱଟି ନ୍ୟସ୍ତ କରୁଅଛି ଯାହାର ପ୍ରତ୍ୟେକ ଅହମଦିକୁ ଅନୁଭବ କରିବା ଉଚିତ୍ ଏବଂ ଏଥିପାଇଁ ନିଜର ସମସ୍ତ ସାମର୍ଥ୍ୟ ତଥା ପ୍ରଚେଷ୍ଟାକୁ ବିନିଯୋଗ କରିବା ଉଚିତ୍ ଏବଂ ନିଜର ପ୍ରାର୍ଥନାରେ ଏବଂ ଅଲ୍ଲାଃତାଲଙ୍କ ସହିତ ସଂପର୍କ ସ୍ଥାପନ କରିବା ଦିଗରେ ଏକ ନୂତନ ପ୍ରକାରର ଅବସ୍ଥା ସୃଷ୍ଟି କରିବା ପାଇଁ ଆମକୁ ସର୍ବଦା ଚେଷ୍ଟା କରିବା ଉଚିତ୍ । ତେବେ ଯାଇ ଆମେମାନେ ଏହି ନୂତନ ବର୍ଷର ପ୍ରକୃତ ବରକତଗୁଡ଼ିକୁ ପ୍ରାପ୍ତ କରିବାରେ ସଫଳ ହୋଇପାରିବୁ । ଅଲ୍ଲାଃତାଲା ଏଥିନିମିତ୍ତ ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

.......................................

**KHULASA KHUTBA JUMA HUZOOR ANWAR a.b.a**

**3rd Jan 2019**

..................